
# ଆମ ବିକାଶ ଯୋଜନା



୩

## ଶିକ୍ଷା
## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ



cysd

# ଆମ ବିକାଶ ଯୋଜନା

## ଶିକ୍ଷା

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

cysd
..Enable - Empower - Include...

# ଆମ ବିକାଶ ଯୋଜନା

**ପ୍ରସ୍ତୁତି :**

ସି.ୱାଇ.ଏସ୍.ଡ଼ି.

**ପ୍ରକାଶକ :**

ସି.ୱାଇ.ଏସ୍.ଡ଼ି.

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧୦୧୩

**ପୃଷ୍ଠା ବିନ୍ୟାସ :**

ପ୍ରଜ୍ଞା ଗ୍ରାଫିକ୍ସ , ଲକ୍ଷ୍ମୀ ବିହାର, ଭୁବନେଶ୍ୱର - ୫

**ପ୍ରକାଶନ ସମୟ :**

୦୧ ଡ଼ିସେମ୍ବର ୨୦୦୯

**ସହଯୋଗ ରାଶି :**

୧୦୦/- ଟଙ୍କା ମାତ୍ର

(ସଂପୂର୍ଣ୍ଣ ସେଟ୍)

# ମୁଖବନ୍ଧ

ଲୋକଙ୍କ ପାଇଁ ଯୋଜନା । ଲୋକମାନେ ତାହା ଜାଣିବା ଉଚିତ୍ । ସରକାରୀ ସ୍ତରରେ ପ୍ରସ୍ତୁତ ହେଉଥିବା ଅନେକ ଯୋଜନା ବିଷୟରେ ସାଧାରଣ ଲୋକ ଆଦୌ ଜାଣିପାରନ୍ତି ନାହିଁ । ଲୋକଙ୍କୁ ଜଣାଇବା ସରକାରଙ୍କର ଯେତିକି ଦାୟିତ୍ୱ, ଯୋଜନାଗୁଡ଼ିକ ବିଷୟରେ ସବିଶେଷ ଜାଣିବା ସାଧାରଣ ଲୋକଟିର ମଧ ସେତିକି କର୍ତ୍ତବ୍ୟ । ଜନମଙ୍ଗଳ ରାଷ୍ଟ୍ର ହିସାବରେ ସରକାର ଜନତାର ସେବା ପାଇଁ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଦରକାର । ଠିକ୍ ସେହିପରି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେତିକି ସମ୍ବେଦନଶୀଳ ହୋଇ ରାଷ୍ଟ୍ରର ଆଇନ କାନୁନ୍, ନୀତି ନିୟମ ଏବଂ ସମସ୍ତ ସରକାରୀ ବେସରକାରୀ ଯୋଜନା ବିଷୟରେ ଜାଣିବା ଅପରିହାର୍ଯ୍ୟ ।

ଆମେ ଆଗରୁ କହିଛୁ, ଜାଣିଲେ ଜିଣିବା । ନିଜର ବିକାଶର ଗତିକୁ ବଢାଇବା । ଆମ ରାଜ୍ୟର ସାଧାରଣ ଜନତା ଯେତେ ଅଧିକ ଜାଣିବେ ଓ ସରକାରୀ ଯୋଜନାକୁ ଯେତେ ଅଧିକ ସଠିକ୍ କାମରେ ଲଗାଇବେ, ଆମର ବିକାଶ ସେତେ ଅଧିକ ହେବ । ସରକାରୀ ସ୍ତରରେ ଅନେକ ବିଭାଗ ଅଛି । ଯେପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଶକ୍ତି, ଶିଳ୍ପ, ସମବାୟ ଏହିପରି ଅନେକ । କିନ୍ତୁ ସାଧାରଣ ଜନତା ପାଇଁ ସମସ୍ତ ଯୋଜନା ବିଷୟରେ ଗୋଟିଏ କୌଣସି ସ୍ଥାନରୁ ବା ଗୋଟିଏ କୌଣସି ଉପାଦେୟ ପୁସ୍ତକରୁ  ଜାଣିବାର ବ୍ୟବସ୍ଥା ନାହିଁ କହିଲେ ଚଳେ ।

ସାଧାରଣଲୋକଙ୍କର ଏହି ଅସୁବିଧାକୁ ଉପଲବ୍ଧି କରି ଏହାର ସମାଧାନ  ପାଇଁ ସି.ଓ୍ୱାଇ.ଏସ୍.ଡ଼ି. ତରଫରୁ ଏକ ଲୋକାଭିମୁଖୀ ପଦକ୍ଷେପଟିଏ ନେବା ପାଇଁ ବିଚାର କରାଗଲା । ଯାହାର ଫଳସ୍ୱରୂପ ଜନ୍ମ ନେଲା କେତୋଟି ପୁସ୍ତିକାର ସମାହାର "ଆମ ବିକାଶ ଯୋଜନା" ।

ଲୋକ ଶାସନ ବିଭାଗର ପ୍ରମୁଖ ଡ଼ଃ ସୁରେନ୍ଦ୍ରନାଥ ଜେନା , କାର୍ଯ୍ୟକ୍ରମ ସଂଯୋଜିକା ଗୀତାରାଣୀ ଦାସ ଏବଂ ସମାଜସେବୀ ନିରାକାର ବେଉରାଙ୍କର ଉଦ୍ୟମ ଫଳରେ ଏହି କାର୍ଯ୍ୟଟି ସମ୍ଭବ ହୋଇପାରିଛି ।

୧୩ଟି ବିଭାଗର ଅନେକ ଯୋଜନା ଏହି ପୁସ୍ତିକା ସବୁରେ ସନ୍ନିବେଶିତ ହୋଇଛି । ଆହୁରି ଅନେକ ବିଭାଗର ଛୋଟ ବଡ଼ ଯୋଜନା ଆମମାନଙ୍କର ହସ୍ତଗତ ହୋଇପାରିନଥିବାରୁ ସଂଯୋଜନା ମଣ୍ଡଳୀ ସେହି ସବୁ ଯୋଜନାକୁ ଏହି ପୁସ୍ତିକାରେ ନେଇ ପାରିନାହାଁନ୍ତି । ଏଥିସହ ସରକାରଙ୍କର ଯୋଜନା ଅନେକ ସମୟରେ ପରିବର୍ତ୍ତନ ହୁଏ, ପରିବର୍ଦ୍ଧିତ ହୁଏ, ବନ୍ଦ ବି ହୋଇଯାଏ ଏବଂ ସାହାଯ୍ୟର ପରିମାଣରେ ହ୍ରାସ କିମ୍ବା ବୃଦ୍ଧି ଘଟିଥାଏ । ତେଣୁ ଏ ପୁସ୍ତିକା ପ୍ରତି ୨/୩ ବର୍ଷରେ ଥରେ ସଂଶୋଧନ ହେବା ନିତାନ୍ତ ଜରୁରୀ । ଏଥିସହ ଉକ୍ତ ପୁସ୍ତିକାଟି ପ୍ରକାଶିତ ହୋଇସାରିବା ପରେ ସରକାରୀ ସ୍ତରରେ ଯୋଜନାର ନକଲ ସାଧାରଣ ଲୋକଙ୍କୁ ଦେବାରେ ଯେଉଁ ଅନାଗ୍ରହ ଦେଖିବାକୁ ମିଳୁଥିଲା, ତାହା ଦୂର ହୋଇପାରିବ ବୋଲି ଆଶା କରାଯାଏ । ସରକାର ମଧ୍ୟ ଏ ଦିଗରେ ଯତ୍ନଶୀଳ ହୋଇ ଏହିପରି ପୁସ୍ତକ ଅଧିକ ସଂଖ୍ୟାରେ ପ୍ରକାଶ କରି ସାଧାରଣ ଲୋକଙ୍କୁ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ଅଧିକ ଫଳବତୀ ହୋଇପାରିବ ନିଶ୍ଚୟ ।

ପରିଶେଷରେ ଏହି ଉପାଦେୟ ପୁସ୍ତିକା ଗୁଚ୍ଛର ସଂପାଦନା ମଣ୍ଡଳୀ, ପ୍ରକାଶକ ଏବଂ ଏ ପୁସ୍ତିକାକୁ ପାଠ କରି ଏଥିରୁ ଯେଉଁମାନେ ଲାଭାନ୍ୱିତ ହେବେ, ସେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

୦୧ ଡ଼ିସେମ୍ବର ୨୦୦୯

**ପ୍ରଫୁଲ୍ଲ କୁମାର ସାହୁ**
ଅଧକ୍ଷ
ସି.ଓ୍ୱାଇ.ଏସ୍.ଡ଼ି.

# ସୂଚୀପତ୍ର

*ଶିକ୍ଷା ବିଭାଗ*

- ସର୍ବଶିକ୍ଷା ଅଭିଯାନ ୧
- ବାଳିକାମାନଙ୍କ ପାଇଁ ଶିକ୍ଷା ଯୋଜନା ୨
- କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୩

***ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ***

- ଜନନୀ ସୁରକ୍ଷା ଯୋଜନା ୬
- ରୋଗୀ କଲ୍ୟାଣ ସମିତି ୯
- ଗାଁ କଲ୍ୟାଣ ସମିତି ୧୩


ଶିକ୍ଷା

# ସର୍ବଶିକ୍ଷା ଅଭିଯାନ

***ଯୋଜନାର ଉଦ୍ଦେଶ୍ୟ***

୨୦୧୦ ମସିହା ସୁଦ୍ଧା ୬ ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରି ସାମାଜିକ, ଆଞ୍ଚଳିକ ତଥା ଲିଙ୍ଗଗତ ବୈଷମ୍ୟ ଦୂର କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ ।

ବିଦ୍ୟାଳୟ ସ୍ଥାପନ ହୋଇଥିବା ଅଞ୍ଚଳରେ ଲୋକମାନେ ଓ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ସର୍ବଶିକ୍ଷା ଅଭିଯାନ ଏକ ନୂତନ ଉଦ୍ୟମ ।

***ଯୋଜନାର ରୂପରେଖ***

ଏହି ଅଭିଯାନ ମାଧ୍ୟମରେ ପ୍ରାଥମିକ ଶିକ୍ଷାକୁ ସବୁ ଶିଶୁଙ୍କ ପାଖରେ ପହଞ୍ଚାଇବାର ଯେଉଁ ପ୍ରମୁଖ ଲକ୍ଷ୍ୟ ରଖାଯାଇଛି. ତାହା କାର୍ଯ୍ୟକାରୀ କରିବା ସହିତ ଅଭିଭାବକ, ଶିକ୍ଷକ ସଂଗଠନ, ଶ୍ରେଣୀଗୃହ ନିର୍ମାଣ, ପୁସ୍ତକ ପ୍ରକାଶନ ଓ ବିତରଣ ପ୍ରଭୃତି ଅନେକ କାର୍ଯ୍ୟ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ହୋଇଥାଏ ।

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା, ପ୍ରାଥମିକ ସ୍ତରରେ ବାଳିକାମାନଙ୍କ ପାଇଁ ଜାତୀୟ ଯୋଜନା ପ୍ରଭୃତି ସର୍ବ ଶିକ୍ଷା ଅଭିଯାନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥାଏ ।

**ସର୍ବ ଶିକ୍ଷା ଅଭିଯାନ**

**ସଭଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ**

# ପ୍ରାଥମିକ ସ୍ତରରେ ବାଳିକାମାନଙ୍କ ପାଇଁ ଜାତୀୟ ଶିକ୍ଷାର ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଶିକ୍ଷା କ୍ଷେତ୍ରରେ ଥିବା ଲିଙ୍ଗଗତ ପାର୍ଥକ୍ୟର ହ୍ରାସ କରିବା । |
| | ଶିକ୍ଷା କ୍ଷେତ୍ରରେ ମହିଳା ଓ ବାଳିକାମାନଙ୍କ ଭାଗିଦାରୀ ବୃଦ୍ଧି କରିବାକୁ ସୁନିଶ୍ଚିତ କରିବା । |
| | ଗୁଣାତ୍ମକ ଶିକ୍ଷାର ମାନ ବଢାଇବା । |
| | ମହିଳାମାନଙ୍କ ସଶକ୍ତିକରଣ ପାଇଁ ବାଳିକାମାନଙ୍କର ଗୁଣାତ୍ମକ ଶିକ୍ଷା ଓ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ଦେବା । |
| *ହିତାଧିକାରୀଙ୍କ ଯୋଗ୍ୟତା* | ସ୍କୁଲ ଛାତ୍ରୀଙ୍କ ବ୍ୟତୀତ ଅଧାରୁ ପଢା ଛାଡ଼ିଥିବା ବାଳିକା । |
| | ବୟସାଧିକ ଛାତ୍ରୀ, ଯିଏ ପ୍ରାଥମିକ ଶିକ୍ଷା ସମାପ୍ତ କରିନଥିବେ । |
| | କାମ କରୁଥିବା ବାଳିକା । |
| | ସମାଜରେ ଥିବା ଅସହାୟ ବାଳିକା । |
| | ଯେଉଁ ବାଳିକାଙ୍କର ଉପସ୍ଥାନ କମ୍ ଥିବ । |
| | ଯେଉଁ ବାଳିକାଙ୍କର ସଫଳତା ସ୍ତର କମ୍ ଥିବ । |

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ

*ଯୋଜନାର ଉଦ୍ଦେଶ୍ୟ*

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସର୍ବଶିକ୍ଷା ଅଭିଯାନ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଉଚ୍ଚ ପ୍ରାଥମିକ ସ୍ତରରେ ଆବାସିକ ସ୍କୁଲ ଯୋଜନା ଜରିଆରେ ବାଳିକାମାନଙ୍କ ଶିକ୍ଷାକୁ ତ୍ୱରାନିତ୍ୱ କରିବା ଏହାର ଲକ୍ଷ୍ୟ ।

ଯେଉଁ ବ୍ଲକ୍‌ଗୁଡ଼ିକ ଶିକ୍ଷାରେ ପଛୁଆ ହୋଇଥିବେ ଏବଂ ସେଠାରେ ଜାତୀୟ ମହିଳା ଶିକ୍ଷା ହାର ୪୬.୧୩%ରୁ କମ୍ ହୋଇଥିବ ଏବଂ ପୁରୁଷ ଓ ମହିଳା ଶିକ୍ଷା ହାରର ପାର୍ଥକ୍ୟ ଜାତୀୟ ସ୍ତରରେ ଥିବା ୨୧.୫୯%ରୁ ଅଧିକ ହୋଇଥିବ । ସେହି ଅଞ୍ଚଳଗୁଡ଼ିକ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗ୍ରହଣଯୋଗ୍ୟ ହେବ ।

ଯେଉଁ ବ୍ଲକ୍‌ଗୁଡ଼ିକ ଶିକ୍ଷାରେ ପଛୁଆ ହୋଇଥିବେ ଏବଂ ସେଠାରେ ବାଳିକାମାନଙ୍କ ପ୍ରାଥମିକ ଶିକ୍ଷା ପାଇଁ କୌଣସି ଆବାସିକ ସ୍କୁଲ ନଥିବ ବା ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ବା ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ଯେକୌଣସି ଯୋଜନାରେ ସେଠାରେ ଆବାସିକ ବିଦ୍ୟାଳୟ ସ୍ଥାପନ ହୋଇନଥିବ, ସେହି ଅଞ୍ଚଳରେ ଏହି ପ୍ରକାରର ବିଦ୍ୟାଳୟ ସ୍ଥାପନ କରାଯାଇପାରିବ ।

*ହିତାଧିକାରୀଙ୍କ ଯୋଗ୍ୟତା*

୧. ଅଗମ୍ୟ ଅଞ୍ଚଳର ସ୍କୁଲରେ ପଢୁଥିବା ବାଳିକାଙ୍କ ବ୍ୟତୀତ ଅନ୍ୟ ବାଳିକା ଯେଉଁମାନେ ଉଚ୍ଚ ପ୍ରାଥମିକ ଶିକ୍ଷା ସମାପ୍ତ କରିନଥିବେ ।

୨. ଯେଉଁ କିଶୋରୀମାନେ ସ୍କୁଲକୁ ଯିବାପାଇଁ ଅସମର୍ଥ ଥିବେ (ଉଚ୍ଚ ପ୍ରାଥମିକ ସ୍ତରରେ) ।

୩. କଷ୍ଟସାଧ ଅଞ୍ଚଳରେ ରହୁଥିବା ଯାଯାବର ପରିବାରର ବାଳିକାମାନେ ବା ଏଠି ସେଠି ଅଞ୍ଚଳରେ ରହୁଥିବା ପରିବାରର ବାଳିକାମାନେ ଯେଉଁମାନଙ୍କ ପାଇଁ ଗୁଣାତ୍ମକ ଉଚ୍ଚ ପ୍ରାଥମିକ ସ୍କୁଲର ବ୍ୟବସ୍ଥା ନଥିବ ।

୪. ଆଦିବାସୀ / ହରିଜନ / ପଛୁଆ ଶ୍ରେଣୀର ୭୫% ବାଳିକାଙ୍କୁ ତାଲିକାଭୁକ୍ତ କରିବା ଓ ବି.ପି.ଏଲ. ପରିବାରର ୨୫% ବାଳିକାଙ୍କୁ ତାଲିକାଭୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରିବା ।



# ସ୍ୱାସ୍ଥ୍ୟ
# ଓ
# ପରିବାର କଲ୍ୟାଣ

# ଜନନୀ ସୁରକ୍ଷା ଯୋଜନା

*ଯୋଜନାର ଉଦ୍ଦେଶ୍ୟ* — ଏହି ଯୋଜନା ୨୦୦୫ ମସିହା ଏପ୍ରିଲ ମାସ ୧୨ ତାରିଖରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଏକ ଅଂଶବିଶେଷ । ଗରିବ ଗର୍ଭବତୀ ମା'ମାନଙ୍କୁ ସାହାଯ୍ୟ ଯୋଗାଇ ଦେଇ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ ।

*ହିତାଧିକାରୀଙ୍କ ଯୋଗ୍ୟତା* — ଦାରିଦ୍ର୍ୟ ସୀମାରେଖାତଳେ ରହୁଥିବା ସମସ୍ତ ଗର୍ଭବତୀ ମହିଳା ଯାହାଙ୍କର ବୟସ ୧୯ ବର୍ଷ ବା ତା'ଠାରୁ ଅଧିକ, ସେମାନେ ଅତି ବେଶୀରେ ୨ଟି ଛୁଆ ଜନ୍ମ କରିବା ପର୍ଯ୍ୟନ୍ତ ଏହି ସୁବିଧା ହାସଲ କରିପାରିବେ ।

*ଆବେଦନ ପ୍ରଣାଳୀ* — ଆଶାକର୍ମୀମାନେ ସ୍ୱତଃ ଗର୍ଭବତୀ ମା'ମାନଙ୍କୁ ଚିହ୍ନଟ କରିଥାନ୍ତି । ଏଥିପାଇଁ ଆବେଦନ କରିବାର ଆବଶ୍ୟକ ପ୍ରାୟ ପଡିନଥାଏ, ଯଦି କୌଣସି କାରଣରୁ କୌଣସି ଜଣେ ଗର୍ଭବତୀ ମା'ଙ୍କ ବିଷୟରେ ଆଶା କର୍ମୀ ଜାଣି ନପାରନ୍ତି, ତେବେ ତୁରନ୍ତ ଆଶା କର୍ମୀଙ୍କ ସହ ଯୋଗାଯୋଗ କରି ନିଜ ନାମ ପଞ୍ଜିକୃତ କରାଯାଇପାରିବ ।

*ଚିହ୍ନଟ ପ୍ରକ୍ରିୟା* — ସାଧାରଣତଃ ଆଶା କର୍ମୀମାନେ ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରିଥାନ୍ତି ଓ ଜନନୀ ସୁରକ୍ଷା ଯୋଜନାର ସହାୟତା ପାଇବା ପାଇଁ ସେମାନଙ୍କ ନାମ ପଞ୍ଜିକରଣ କରିଥାନ୍ତି ।

*ସାହାଯ୍ୟର ପରିମାଣ* — ଡାକ୍ତରଖାନାରେ ପ୍ରସବ ନିମନ୍ତେ ସମସ୍ତ ଗର୍ଭବତୀ ମା'ମାନଙ୍କୁ ୧୪୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥାଏ ।

ପ୍ରତ୍ୟେକ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ନେବା ଓ ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ଆଶା କର୍ମୀମାନଙ୍କୁ ୬୦୦ଟଙ୍କା ଦିଆଯାଇଥାଏ ।

୧୯ ବର୍ଷରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ନିଜ ବାସ ଗୃହରେ ତାଲିମପ୍ରାପ୍ତ ଧାଇଙ୍କ ଦ୍ୱାରା ପ୍ରସବ କଲେ ୫୦୦ ଟଙ୍କାର ଆର୍ଥିକ ସାହାଯ୍ୟ ପାଇବାର ନିୟମ ରହିଛି । ଦୁଇଟି ସନ୍ତାନ ପ୍ରସବ କରିବା ପର୍ଯ୍ୟନ୍ତ ଏହି ସାହାଯ୍ୟ ପ୍ରସବ ସମୟରେ କିମ୍ବା ପ୍ରସବର ୭ଦିନ ପୂର୍ବରୁ ଆଶାକର୍ମୀ କିମ୍ବା ଏ.ଏନ୍.ଏମ୍ ଦିଦି ଏହି ଟଙ୍କା ପ୍ରଦାନ କରିବେ ।

*ସାହାଯ୍ୟକାରୀ ଅଧିକାରୀ* — ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ

*ଅଭିଯୋଗ ଦାଖଲ* — ଏହି ଯୋଜନାର ସାହାଯ୍ୟ ପାଇବାରେ ଯଦି ଅସୁବିଧା ଦେଖାଦେଲା ସିଧାସଳଖ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇ ପାରିବ ।

*ବିଶେଷ ସୂଚନା*

**ଗ୍ରାମପଞ୍ଚାୟତର ଭୂମିକା**

ପ୍ରକୃତ ଗର୍ଭବତୀ ଚିହ୍ନଟରେ ସହାୟତା କରିବା ।

ଏହି ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ଓ ତଦାରଖ କରିବା

**ପଞ୍ଚାୟତ ସମିତିର ଭୂମିକା**

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀମାନଙ୍କ କାମ ତଦାରଖ କରିବା ।

ମିଳିତ ବୈଠକରେ ଏ ସଂକ୍ରାନ୍ତ ସମସ୍ୟାର ଆଲୋଚନା କରିବା

ସଚେତନତା ସୃଷ୍ଟିରେ ସହଯୋଗ କରିବା

## ଜିଲ୍ଲାପରିଷଦର ଭୂମିକା

ସ୍ୱାସ୍ଥ୍ୟସେବା ତଥା ଜନନୀ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ କିଛି ସମସ୍ୟା ଦୃଷ୍ଟିକୁ ଆସିଲେ ମିଳିତ ବୈଠକରେ ଆଲୋଚନା କରିବା ।

ଜନନୀ ସୁରକ୍ଷା ଯୋଜନାର ଅନୁଧ୍ୟାନ ଓ ତଦାରଖରେ ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କୁ ସାହାଯ୍ୟ କରିବା ।

ଜିଲ୍ଲାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକଳାପ ତଦାରଖ କରିବା ।



# ରୋଗୀ କଲ୍ୟାଣ ସମିତି

***ଯୋଜନାର ଉଦ୍ଦେଶ୍ୟ***

ଏହା ଏକ ସାମୂହିକ ଯୋଜନା ଚିକିତ୍ସାଳୟଗୁଡିକର ପରିଷ୍କାର ପରିଛନ୍ନତାକୁ ସୁନିଶ୍ଚିତ କରିବା ।

ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକ ମାନ ବଢାଇବା ।

ଚିକିତ୍ସାଳୟ ଗୁଡିକର ଗୁଣାତ୍ମକ ପରିଚାଳନା ଏବଂ ସେଥିରେ ଗୋଷ୍ଠୀ ଭାଗୀଦାରିତା ବଢାଇବା ।

ସ୍ୱାସ୍ଥ୍ୟ ସଂସ୍ଥାଗୁଡିକର ଉନ୍ନତିକରଣ ଏବଂ ଆଧୁନିକୀକରଣ, ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସୁବିଧା ମହଜୁଦ ରଖିବା, ବିଭିନ୍ନ ଆବଶ୍ୟକୀୟ ଯନ୍ତ୍ରପାତି କିଣିବା ଏବଂ ସ୍ୱାସ୍ଥ୍ୟ ସୁବିଧାର ତଦାରଖ କରିବା ସହ ଅଧିକାରୀମାନଙ୍କର ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରିବା ।

ଚିକିତ୍ସାଳୟର ଆବଶ୍ୟକୀୟ ଖର୍ଚ୍ଚ ଉଠାଇବା ନିମିତ୍ତ ବ୍ୟବହାରକାରୀ ଚାର୍ଜସ୍ ସଂଗ୍ରହ ଦ୍ୱାରା ସମ୍ବଳର ଆୟୋଜନ କରିବା ।

***ଗଠନ ପ୍ରଣାଳୀ***

ରୋଗୀକଲ୍ୟାଣ ସମିତି ପଞ୍ଜିକୃତ ହେବା ଉଚିତ୍ ଏବଂ ଏହା ପ୍ରତ୍ୟେକ ଚିକିତ୍ସାଳୟ ଯଥା ଜିଲ୍ଲା, ସବଡିଭିଜନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଗଠନ କରାଯିବ, ରୋଗୀ କଲ୍ୟାଣ ସମିତିରେ ନିମ୍ନ ସଦସ୍ୟମାନେ ରହିବେ ।

୧. ଲୋକ ପ୍ରତିନିଧି - ବିଧାୟକ, ସାଂସଦ

୨. ସ୍ୱାସ୍ଥ୍ୟ ଅଧିକାରୀ - (ଆୟୁଷ ଡାକ୍ତର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ)

୩. ସ୍ଥାନୀୟ ଜିଲ୍ଲା/ବ୍ଲକ ଅଧିକାରୀ

୪. ସ୍ଥାନୀୟ ଗୋଷ୍ଠି/ସମୁଦାୟର ନେତୃ ସ୍ଥାନୀୟ ବ୍ୟକ୍ତି

୫. ସ୍ଥାନୀୟ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ

୬. ଭାରତୀୟ ମେଡିକାଲ ଆସୋସିଏସନର ପ୍ରତିନିଧି

୭. ସ୍ଥାନୀୟ ଶାସନ ଯଥା ପଞ୍ଚାୟତରାଜ ସଂସ୍ଥାର ପ୍ରତିନିଧି

୮. ମୁଖ୍ୟ ସହାୟତାକାରୀ ସଂସ୍ଥା/ବେସରକାରୀ ସଂସ୍ଥାର ପ୍ରତିନିଧି।

ରୋଗୀ କଲ୍ୟାଣ ସମିତି ମୁଖ୍ୟତଃ ଏକ ସରକାରୀ ସଂସ୍ଥା ଭାବେ କାର୍ଯ୍ୟ ନକରି ଏକ ବେସରକାରୀ ସଂସ୍ଥା ଭାବେ କାର୍ଯ୍ୟ କରିବ। ଏହା ଚିକିତ୍ସାଳୟରେ ଥିବା ସମସ୍ତ ସରକାରୀ ଆସବାବପତ୍ରଗୁଡିକର ବ୍ୟବହାର କରିପାରିବ। ରୋଗୀ କଲ୍ୟାଣ ସମିତି ଅନ୍ୟାନ୍ୟ ସ୍ରୋତଃ ଯଥା ସହାୟତାକାରୀ ସଂସ୍ଥା, ବେସରକାରୀ ସଂଗଠନ,ସରକାରୀ ବିଭାଗ, ବ୍ୟାଙ୍କ ଆଦିମାନଙ୍କରୁ ଆର୍ଥିକ ସହାୟତା, ଋଣ ଆଦି ଆଣିପାରିବ ଏବଂ ଏହି ଅର୍ଥ ସମିତିର ନିଜସ୍ୱ ବ୍ୟାଙ୍କ ଖାତାରେ ଜମା ରଖି ଏହାକୁ ପରିଚାଳନା କମିଟିର ଅନୁମୋଦନ କ୍ରମେ ଖର୍ଚ୍ଚ କରାଯିବ।

***କାର୍ଯ୍ୟର ରୂପରେଖ***

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଦେଖିବା।

ଚିକିତ୍ସାଳୟ ପାଇଁ ବିଭିନ୍ନ ଆସବାବ ପତ୍ର, ଆମ୍ବୁଲାନ୍ସ ଆଦିର ଆୟୋଜନ କରିବା (ଏଗୁଡିକୁ ସମିତି ବିଭିନ୍ନ ସୂତ୍ରରୁ କ୍ରୟ କରିପାରେ। ସହାୟତା ଭାବେ ଗ୍ରହଣ କରିପାରେ, ଭଡା

ଅଥବା ଅନ୍ୟାନ୍ୟ ସୂତ୍ରରେ ନେଇପାରେ ଅଥବା ବ୍ୟାଙ୍କରୁ ଋଣ ନେଇ କ୍ରୟ କରିପାରେ)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏବଂ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରି ଚିକିତ୍ସାଳୟ ପାଇଁ ନୂତନ ଘର ତିଆରି କରିବା।

ଚିକିତ୍ସାଳୟର ଗୃହ, ଗାଡି ଏବଂ ଅନ୍ୟାନ୍ୟ ଆସବାବ ପତ୍ରଗୁଡିକର ରକ୍ଷଣା ବେକ୍ଷଣ କରାଯିବ।

ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଅନାବଶ୍ୟକ ହୋଇପଡିଥିବା ଆସବାବ ପତ୍ରଗୁଡିକୁ ବିକ୍ରିପାଇଁ ନିଲାମ ଡାକିବା। ଏହି ଅର୍ଥ ରୋଗୀ କଲ୍ୟାଣ ସମିତିର ବ୍ୟାଙ୍କ ଖାତାରେ ଜମା ରଖାଯିବ।

ରୋଗୀ ଏବଂ ସେମାନଙ୍କ ସହାୟକମାନଙ୍କ ପାଇଁ ଖାଇବା ଆଦିର ବ୍ୟବସ୍ଥା କରିବା


ବିଭିନ୍ନ ବେସରକାରୀ ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ସହଯୋଗିତାରେ ଚିକିତ୍ସାଳୟରେ ସେବା ପ୍ରଦାନର ବ୍ୟବସ୍ଥାକୁ ମଜବୁତ କରିବା। ପରିଚ୍ଛନ୍ନତା ପାଇଁ କାର୍ଯ୍ୟ କରିବା, ରୋଗ ଚିହ୍ନଟକରଣ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପରୀକ୍ଷଣ ପାଇଁ ସୁବିଧା କରାଯିବ।

ସମିତିର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଚିକିତ୍ସାଳୟ ନାମରେ ଥିବା ଅଦରକାରୀ ଜମିକୁ ବିଭିନ୍ନ କାର୍ଯ୍ୟପାଇଁ ଲିଜ୍ ପ୍ରଦାନ କରାଯିବ।

ଚିକିତ୍ସାଳୟର ପରିଚାଳନାରେ ଗୋଷ୍ଠୀର ଭାଗିଦାରିତା ବଢାଯିବ।

ବିଭିନ୍ନ ବେସରକାରୀ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଚିକିତ୍ସାଳୟର ଭିନ୍ନ ଭିନ୍ନ ୱାର୍ଡଗୁଡିକର ରକ୍ଷଣାବେକ୍ଷଣା ଦାୟିତ୍ୱ ନେବା ପାଇଁ ପ୍ରୋତ୍ସାହିତ କରାଯିବ।

ଚିକିତ୍ସାଳୟର ଦୈନନ୍ଦିନ ପରିଚାଳନା ପାଇଁ ଚିରସ୍ଥାୟୀ ତଥା ପରିବେଶ ଦୃଷ୍ଟିରୁ ହିତକର କାର୍ଯ୍ୟ କରିବା। ଉଦାହରଣ ସ୍ୱରୂପ ବୈଜ୍ଞାନିକ ପଦ୍ଧତିର ଅନୁକରଣ କରି ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡିକର ପରିଚାଳନା କରିବା, ସୌର ଶକ୍ତିରୁ ବିଜୁଳି ଉତ୍ପାଦନର ବ୍ୟବସ୍ଥା କରିବା, ଜଳ ଅମଳ ଇତ୍ୟାଦି।



# ଗାଁ କଲ୍ୟାଣ ସମିତି

*ଯୋଜନାର ଉଦ୍ଦେଶ୍ୟ*

ଗ୍ରାମ୍ୟ ସ୍ତରରେ ବିକାଶ ମୂଳକ ଯୋଜନାକୁ ସରଳ ଓ ଫଳପ୍ରଦ ପରିଚାଳନା କରିବା ଗାଁ କଲ୍ୟାଣ ସମିତିର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍ଆରଏଚଏସ)ଅଧିନରେ, ପ୍ରତି ଗାଁ ସ୍ତରରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳ କମିଟି ଗଠନ କରିବାର ବ୍ୟବସ୍ଥା ରହିଛି । ଓଡିଶାରେ ଏହା ଗାଁ କଲ୍ୟାଣ ସମିତି ନାମରେ ପରିଚିତ ।

*ଗଠନ ପ୍ରଣାଳୀ*

ଗାଁ କଲ୍ୟାଣ ସମିତି ରାଜସ୍ୱ ଗ୍ରାମ ସ୍ତରରେ ଗଠନ କରାଯିବା ଉଚିତ । ଏହା ସାମାଜିକ ସଂଗଠନ ପଞ୍ଜିକରଣ ଆଇନ୍ ୧୮୬୦ ଅନ୍ତର୍ଗତ ପଞ୍ଜିକୃତ ହେବା ଆବଶ୍ୟକ ।

ସମିତିରେ ନିମ୍ନ ସଦସ୍ୟମାନେ ରହିବେ ।

୧. ଅଙ୍ଗନୱାଡି କର୍ମୀ - ସଂଯୋଜକ

୨. ଗ୍ରାମର ଆଶା କର୍ମୀ

୩. ସେହି ଅଞ୍ଚଳର ଏସ.ଇ.ଏମ୍ (ଆର.ଡବ୍ଲ୍ୟୁ.ଏସ୍.ଏସ୍. ଅନ୍ତର୍ଗତ)

୪. ଗ୍ରାମରେ ସର୍ବାଧିକ ସଞ୍ଚୟ ଥିବା ତିନିଗୋଟି ମହିଳା ସ୍ୱୟଂ ସହାୟକ ଦଳର ସଭାପତି ଅଥବା ସଂପାଦକ

୫. ଗ୍ରାମରେ ଯଦି ଜଳଛାୟା ପ୍ରକଳ୍ପ ଚାଲୁଥାଏ. ତେବେ ଗ୍ରାମ୍ୟ ଜଳଛାୟା ବିକାଶ ପ୍ରକଳ୍ପର ସଭାପତି ।

୬. ଯଦି ଉପରୋକ୍ତ ସଦସ୍ୟମାନଙ୍କ ମଧ୍ୟରେ କେହି ହରିଜନ ଆଦିବାସୀ ହୋଇନଥିବେ, ତେବେ ଉଭୟ ଗୋଷ୍ଠୀରୁ ଜଣେ ଲେଖାଏଁ ସଦସ୍ୟ ଅଧକ୍ଷ ଦ୍ୱାରା ବଛାଯିବେ ।

୭. ଗ୍ରାମରେ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନ, ଯୁବକ ସଂଘ ଇତ୍ୟାଦିର ପ୍ରତିନିଧି ।

***କାର୍ଯ୍ୟର ରୂପରେଖ***

ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକର ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକ୍ରମ ସମନ୍ୱୟ ରଖିବା ।

ଗ୍ରାମସ୍ତରରେ ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, ପରିବାର ସେବା, କିଶୋରୀ ବାଳିକାମାନଙ୍କ ସମ୍ବନ୍ଧରେ ସଚେତନତା ସୃଷ୍ଟିକରିବା ।

ଆଞ୍ଚଳିକ ସ୍ତରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡିକର ସମାଧାନ ପାଇଁ କାର୍ଯ୍ୟ କରିବା ।

ଉପରୋକ୍ତ କାର୍ଯ୍ୟଗୁଡିକ କରିବା ପାଇଁ ଗାଁ କଲ୍ୟାଣ ସମିତି ବିଭିନ୍ନ ସ୍ରୋତରୁ ଆର୍ଥିକ ସାହାଯ୍ୟ ପାଇପାରିବେ । ଗାଁ କଲ୍ୟାଣ ସମିତିର କାର୍ଯ୍ୟ ହେବ ଯେ ସେମାନଙ୍କୁ ପ୍ରଦତ୍ତ ହୋଇଥିବା କାର୍ଯ୍ୟ ସମୂହ ମଧ୍ୟରୁ ଆବଶ୍ୟକୀୟ କାର୍ଯ୍ୟଗୁଡିକର ଚିହ୍ନଟ କରି ସେଗୁଡିକୁ କାର୍ଯ୍ୟକାରୀ କରିବା ।

***ସାହାଯ୍ୟର ପରିମାଣ***

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଗାଁ କଲ୍ୟାଣ ସମିତିକୁ ଦଶ ହଜାର ଟଙ୍କା ଦିଆଯାଏ । ଏହି ଅର୍ଥରେ ଗାଁ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ସଚେତନତା ଓ ସହଯୋଗର କାର୍ଯ୍ୟ କରିଥାନ୍ତି ।






## ସି.ଓ୍ୱାଇ.ଏସ୍.ଡି

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ
ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୧୩
ଦୂରଭାଷ : ୦୬୭୪-୨୩୦୧୭୨୫, ୨୩୦୦୭୭୪, ଫ୍ୟାକ୍ସ : ୦୬୭୪-୨୩୦୧୨୨୬
**Email : cysdbbsr@sancharnet.in, Website : www.cysd.org**